بِسۡمِ اللّٰہِ الرَّحۡمٰنِ الرَّحِیۡمِ

# ୨୬ ଅପ୍ରେଲ୍ ୨୦୨୪ ଖୁତ୍‌ବା ଜୁମାର ସାରାଂଶ
## ସ୍ଥାନ - ମସଜିଦ୍ ମୁବାରକ୍, ଇସ୍‌ଲାମାବାଦ୍ ଟିଲ୍‌ଫୋର୍ଡ୍

ହମ୍‌ରାଉଲ୍ ଅସଦ୍ ଯୁଦ୍ଧ ପ୍ରସଙ୍ଗରେ ହଜରତ ମୁହମ୍ମଦ ମୁସ୍ତଫା ସ.ଅଙ୍କ ଜୀବନୀ ଏବଂ ଅଲ୍ଲାଃତାଲାଙ୍କ ପ୍ରୀତିଭାଜନ ଲାଭକାରୀ ସାହାବା ର.ଅଙ୍କର ନିଜ ମୁନିବ ହଜରତ ମୁହମ୍ମଦ ମୁସ୍ତଫା ସ.ଅଙ୍କ ପ୍ରତି ଅପାର ପ୍ରେମ, ଅନୁରାଗ, ବିଶ୍ୱସ୍ତତା ତଥା ବଳୀଦାନର ବିଶ୍ୱାସବର୍ଦ୍ଧକ ଚର୍ଚ୍ଚା ।

ଅଶହ୍‌ଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ଓ୍ୱହ୍‌ଦହୁ ଲାଶରିକା ଲହୁ ଓ୍ୱଅଶହ୍‌ଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ ଅମ୍ମାବାଦ୍ ଫଉଜୁବିଲ୍ଲା ହିମିନଶ୍ ଶୈତା ନିର୍‌ରଜିମ୍ । ବିସ୍‌ମିଲ୍ଲା ହିର୍‌ରହେମା ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅର୍‌ରହମା ନିର୍‌ରହିମ୍ । ମାଲିକି ୟୋମିଦ୍‌ଦିନ୍ । ଇୟାକା ନାବୁଦୁ ଓ୍ୱ ଇୟାକା ନସ୍‌ତଇନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଆଲୈହିମ୍ ଓ୍ୱଲଦ୍ଦ୍ୱାଲ୍‌ଲିନ୍ ।

ତଶହୁଦ୍, ତଉଜ୍ ଓ ସୁରାଃ ଫାତିହାର ଆବୃତ୍ତି କରିବା ପରେ ପ୍ରିୟ ହୁଜୁର ଅନଓ୍ୱର ଅ.ବ କହିଲେ; ହମ୍‌ରାଉଲ୍ ଅସଦ୍ ଯୁଦ୍ଧର ମୂଖ୍ୟ କାରଣ ଓ ତାହାର ଉପକ୍ରମ ସଂକ୍ରାନ୍ତରେ ଗତ ଖୁତବାରେ ବର୍ଣ୍ଣନା କରିଥିଲି । ଓ୍ୱହଦ୍ ଯୁଦ୍ଧ ପରେ ଯେତେବେଳେ ମକ୍କାର ଅମାନ୍ୟକାରୀ ଦଳ ମୁସଲମାନମାନଙ୍କ ଉପରେ ପୁର୍ନବାର ଆକ୍ରମଣ କରିବା ପାଇଁ ଆସୁଥିବାର ସୁରାଗ ମିଳିଲା ସେତେବେଳେ ହୁଜୁର ସ.ଅ ହଜରତ ଅବୁବକର୍ ର.ଅ ଓ ହଜରତ ଉମର ର.ଅଙ୍କୁ ଡ଼କାଇ ତାଙ୍କ ସହିତ ପରାମର୍ଶ କଲେ । ସେମାନେ ମତ ପ୍ରକାଶ କଲେ, ହେ ଅଲ୍ଲାଃଙ୍କ ରସୁଲ ସ.ଅ ! ଶତ୍ରୁ ଆଡ଼କୁ ଅଗ୍ରସର ହୁଅନ୍ତୁ ଏପରି ନହେଉ କି ସେମାନେ ଆମ ପିଲାଛୁଆ ଅର୍ଥାତ ମଦିନା ଉପରେ ଆକ୍ରମଣ କରିଦେବେ । ଅତଏବ ନବୀଶ୍ରେଷ୍ଠ ହଜରତ ମୁହମ୍ମଦ ସ.ଅ ଫଜର୍ ନମାଜ ପରେ ହଜରତ ବିଲାଲ୍ ର.ଅଙ୍କ ଦ୍ୱାରା ଏହି ଘୋଷଣା କରାଇଲେ କି ଗତକାଲି ଯେଉଁମାନେ ଆମ ସହିତ ଓ୍ୱହଦ୍ ଯୁଦ୍ଧରେ ସାମିଲ ଥିଲେ ସେମାନେ ଶତ୍ରୁର ମୁକାବିଲା କରିବାକୁ ବାହାରି ପଡ଼ । ସେଥିଅନ୍ତେ ପୈଗମ୍ବର ମୁହମ୍ମଦ ମୁସ୍ତଫା ସ.ଅଙ୍କ ନିଜ ଧ୍ୱଜା ମଗାଇଲେ ଏବଂ ତାହା ହଜରତ ଅଲୀ ର.ଅଙ୍କୁ ପ୍ରଦାନ କରିଦେଲେ । ଆଉ ଏକ ବର୍ଣ୍ଣନାନୁଯାୟୀ ହୁଜୁର ସ.ଅ ଉକ୍ତ ବାନାଟିକୁ ହଜରତ ଅବୁବକର୍ ର.ଅଙ୍କୁ ପ୍ରଦାନ କରିଥିଲେ । ସେହି ଅବସରରେ ଆପଣ ସ.ଅ ନିଜ ପଛରେ ହଜରତ ଇବନେ୍ ଉମ୍ମେ ମକ୍‌ତୁମ୍ ର.ଅଙ୍କୁ ନିଜ ପ୍ରତିନିଧି (ଅତିରିକ୍ତ) ମନୋନିତ କରିଥିଲେ ।

ଜୀବନୀ ରଚନାକାରୀମାନେ ଲେଖିଛନ୍ତି, ହଜରତ ମୁହମ୍ମଦ ମୁସ୍ତଫା ସ.ଅଙ୍କର ଶତ୍ରୁର ଅନ୍ୱେଷଣରେ ବାହାରି ଯିବା ଅତ୍ୟନ୍ତ ବୁଦ୍ଧିମାନ କାର୍ଯ୍ୟ ଥିଲା । ବିସ୍ତୃତ ବ୍ୟାଖ୍ୟାରେ ଉଲ୍ଲେଖ ରହିଛି ଅମାନ୍ୟକାରୀଙ୍କ ମତରେ ପର୍ଯ୍ୟାପ୍ତ ଶକ୍ତି ଓ ସାମର୍ଥ୍ୟ ବିନା (ମୁସଲମାନମାନଙ୍କ) ମୁକାବିଲାରେ ବାହାରି ଯିବା ଅତି ବିପଦପୂର୍ଣ୍ଣ ହୋଇପାରେ କିନ୍ତୁ ପରବର୍ତ୍ତୀ ଘଟଣାମାନ ଏହା ପ୍ରମାଣିତ କରିଥିଲା ଯେ, ପୈଗମ୍ବର ମୁହମ୍ମଦ ସ.ଅଙ୍କ ନିଷ୍ପତ୍ତି ଅତି ବୁଦ୍ଧିମାନ ପୂର୍ଣ୍ଣ ପଦକ୍ଷେପ ଥିଲା । ଯାହାକି ପରବର୍ତ୍ତୀ ସମୟରେ ମୁସଲମାନମାନଙ୍କ ପାଇଁ ଅଶେଷ ସୁଫଳ ଆଣି ଦେଇଥିଲା । ଉକ୍ତ ନିଷ୍ପତ୍ତି ଦ୍ୱାରା ଧର୍ମଯୋଦ୍ଧାମାନଙ୍କ ସାହସ ଓ ମନବଳ ବହୁଗୁଣିତ ହୋଇ ଯାଇଥିଲା । ଆଉ ଅମାନ୍ୟକାରୀଙ୍କ ମନରେ ହଜରତ ମୁହମ୍ମଦ ମୁସ୍ତଫା ସ.ଅଙ୍କ ଦୃଢ଼ ଆତ୍ମବିଶ୍ୱାସ ଓ ଆସ୍ଥାର ଛନକା ପସିଗଲା । ତୃତୀୟ ପାର୍ଶ୍ୱରୁ ଯେତେବେଳେ ଶତ୍ରୁକୁ ଇସଲାମୀୟ ସେନାର ତାଙ୍କ ଆଡ଼କୁ ଅଗ୍ରସର ହେବାର ସୂଚନା ମିଳିଲା ସେତେବେଳେ ତାଙ୍କ ମନବଳ ଧପଧପ ହୋଇ ଲିଭିବାକୁ ବସିଥିବା ଦୀପ ଶିଖା ସଦୃଶ ପାଲଟି ଯାଇଥିଲା । ସେହି ସମୟରେ ଅମାନ୍ୟକାରୀଙ୍କ ପ୍ରଧାନ ଅବଦୁଲ୍ଲାଃ ବିନ୍ ଅବି ମୁସଲମାନମାନଙ୍କ ସହିତ ମିଳିତ ଭାବରେ ଶତ୍ରୁର ମୁକାବିଲା କରିବାକୁ ଅନୁମତି ଲୋଡ଼ିଥିଲା କିନ୍ତୁ ଇସଲାମ୍‌ର ପ୍ରାଣ ପ୍ରତିଷ୍ଠାତା ତାହାର ସେହି ପ୍ରସ୍ତାବକୁ ରଦ୍ଦ (ଖାରଜ) କରିଦେଲେ ।

ହଜରତ ମୁହମ୍ମଦ ମୁସ୍ତଫା ସ.ଅଙ୍କର ଏହି ଘୋଷଣା କରିବା ପରେ ଆଘାତ ପ୍ରାପ୍ତ କିନ୍ତୁ ନିଜ ପ୍ରିୟ ମୁନିବଙ୍କୁ ଅତିଶୟ ପ୍ରେମ ଓ ଆଦର ସମ୍ମାନ କରୁଥିବା ଅନୁଚରମାନଙ୍କର ଅବସ୍ଥା ଏପରି ଥିଲା କି ସେମାନେ ନିଜ କ୍ଷତ ସ୍ଥାନରେ ପଟି ବାନ୍ଧି ନିଜ ଅସ୍ତ୍ରଶସ୍ତ୍ର ଧରି ଆଉ ଏକ ମୁକାବିଲା ପାଇଁ ସଙ୍ଗେସଙ୍ଗେ ବାହାରି ପଡ଼ିଲେ । ହଜରତ ଉସେଦ୍ ବିନ୍ ହଜିର୍ ର.ଅଙ୍କୁ ୯ଗୋଟି ଆଘାତ ଲାଗିଥିଲା ଏବଂ ସେ ନିଜ କ୍ଷତାକ୍ତରେ ଔଷଧ ଲଗାଇବାକୁ ଯାଉଥିଲେ ଯେ, କର୍ଣ୍ଣରେ ହୁଜୁର ସ.ଅଙ୍କର (ଘରୁ ରଣକ୍ଷେତ୍ରକୁ ପ୍ରସ୍ଥାନ କରିବାର) ଆଦେଶ ପଡ଼ିଲା । ଅତଏବ ସେ ଔଷଧ ଲଗାଇବା ପାଇଁ ମଧ୍ୟ (ସ୍ୱଳ୍ପ ସମୟ) ଅଟକି ରହିଲେ ନାହିଁ ବରଂ ସେହି ମୁହୂର୍ତ୍ତରେ ଘରୁ ବାହାରି ଆସିଲେ । ସେହି ଅବସରରେ ବନୁ ସଲ୍‌ମା (ଗୋଷ୍ଠୀ)ରୁ ୪୦ଜଣ ଆଘାତ ପ୍ରାପ୍ତ ମୁସଲମାନ ବାହାରିଲେ । ଏପରି ଶୋଚନୀୟ ପରିସ୍ଥିତିରେ ନିଜ ମୁନିବଙ୍କ ଆଦେଶ ପାଳନର ଉତ୍କଣ୍ଠା ପୂର୍ଣ୍ଣ (ଭାବାବେଗ) ଦେଖି ନବୀଶ୍ରେଷ୍ଠ ସେମାନଙ୍କ ପାଇଁ କ୍ଷମା ଜାଚନ ପୂର୍ବକ ଦୁଆ କଲେ । ତୁଫେଲ୍ ବିନ୍ ନୋମାନ ର.ଅଙ୍କୁ ୧୩ ଗୋଟି, ଖରାସ୍ ବିନ୍ ଅଲ୍‌ସମାଃ ର.ଅଙ୍କୁ ୧୦ ଗୋଟି, କାବ୍ ବିନ୍ ମାଲିକ୍ ର.ଅଙ୍କୁ ୧୦ରୁ ଉର୍ଦ୍ଧ୍ୱ ଏବଂ କତ୍‌ବାଃ ବିନ୍ ଆମିର୍ ର.ଅଙ୍କୁ ୯ଗୋଟି ଆଘାତ ଲାଗିଥିଲା । ଏହା ସତ୍ତ୍ୱେ ସେମାନେ ଆଦେଶ ଶୁଣିବା କ୍ଷଣି ନିଜ ନିଜ ଯୁଦ୍ଧ ସରଞ୍ଜାମ ଧରି ଦୌଡ଼ି ଆସିଲେ ଏବଂ ନିଜ କ୍ଷତ ସ୍ଥାନରେ ଔଷଧ ଲେପନ କରିବାରେ ମଧ୍ୟ ସମୟ ବ୍ୟତୀତ କରିବାକୁ ଉଚିତ୍ ମଣିଲେ ନାହିଁ । **ପରାକ୍ରମୀ ଅଲ୍ଲାଃତାଲା ନିଜ ପ୍ରିୟ ରସୁଲଙ୍କ ଅନୁଚରମାନଙ୍କର ଏହି ଅସାଧାରଣ ଓ ଅପୂର୍ବ ନମୁନା ପ୍ରଦର୍ଶନ କରିବାକୁ ଚିରକାଳ ପାଇଁ ଉଜ୍ଜିବିତ ରଖିବା** ଅର୍ଥାତ ତାହା ଉପରେ ପୁଷ୍ପ ଅର୍ପଣ କରିବା ସକାଶେ ନିଜ ପବିତ୍ର ଗ୍ରନ୍ଥ (କୁରଆନ)ରେ ଲିପିବଦ୍ଧ କରିଦେଲେ । ଯେପରିକି ସେ କୁହନ୍ତି; ସେହି ଲୋକମାନେ ଯେ, ଅଲ୍ଲାଃ ଓ ରସୁଲଙ୍କ ଆଦେଶ ପାଳନ କରିବା ନିମନ୍ତେ ଉପସ୍ଥିତ ହୋଇଗଲେ ଯଦିଚ ତାଙ୍କୁ ଅନେକ ଆଘାତ ଲାଗିଥିଲା । ସେମାନଙ୍କ ମଧ୍ୟରୁ ଯେଉଁମାନେ ଦୟା ଆଚରଣ କଲେ ଏବଂ ଧର୍ମପରାୟଣତା ଅବଲମ୍ବନ କଲେ ତାଙ୍କ ପାଇଁ ବହୁତ ବଡ଼ ପୁରସ୍କାର ନିୟତ ରହିଛି । ହଜରତ ଆଏଶା ର.ଅ କୁହନ୍ତି; ଏହାର ଗୋଟିଏ ଦୃଷ୍ଟାନ୍ତ ହଜରତ ଅବୁବକର୍ ର.ଅ ଓ ହଜରତ ଜୁବେର୍ ର.ଅ ମଧ୍ୟ ଥିଲେ ।

ଏହି ଅଭିଯାନରେ ଜଣେ ନିଷ୍ପାପର ଓ ସୌଭାଗ୍ୟଶାଳୀ ସାହାବି ହଜରତ ଜୁବେର୍ ବିନ୍ ଅବଦୁଲ୍ଲାଃ ର.ଅ ଏପରି ଥିଲେ ଯେ ଓ୍ୱହଦ୍ ଯୁଦ୍ଧରେ ନିଜ ପିତାଙ୍କ ଆଦେଶ ପାଳନ କରି ନିଜ ୯ଜଣ ଭଗିନୀଙ୍କ ସାଥିରେ ରହିବାକୁ ବାଧ୍ୟ ହୋଇ ଉକ୍ତ ଯୁଦ୍ଧରେ ସାମିଲ ହୋଇପାରି ନଥିଲେ । ଯାହାର କାରଣ ସେ ନିଜ ମୁନିବ ହଜରତ ମୁହମ୍ମଦ ସ.ଅଙ୍କୁ ଦର୍ଶାଇଲେ । ଏଥିରେ ହୁଜୁର ସ.ଅ ତାଙ୍କ ଭଲପାଇବା ଓ ଆବେଗ ପୂର୍ଣ୍ଣତାକୁ ଦେଖି ତାଙ୍କୁ ଘରେ ରହିବାକୁ ଅନୁମତି ପ୍ରଦାନ କଲେ ।

ଏହି ଅଭିଯାନରେ ପୈଗମ୍ବର ମୁହମ୍ମଦ ମୁସ୍ତଫା ସ.ଅ ଏପରି ଅବସ୍ଥାରେ ମଦିନାରୁ ପ୍ରସ୍ଥାନ କଲେ କି ଆପଣ ସ.ଅଙ୍କ ପବିତ୍ର ମୁଖ କ୍ଷତାକ୍ତ ଥିଲା, କପାଳରେ ଆଘାତ ଲାଗିଥିଲା, ସମ୍ମୁଖ ଦାନ୍ତ ଭାଙ୍ଗି ଯାଇଥିଲା ଏବଂ ଓଠ ଦୁଇଟି ଅନ୍ତଃ ପାର୍ଶ୍ୱରୁ କ୍ଷତାକ୍ତ ହୋଇ ଯାଇଥିଲା । ଆଉ ଦକ୍ଷିଣ କାନ୍ଧ ଓ ପବିତ୍ର ଆଣ୍ଠୁ ଦୁଇଟିରେ ମଧ୍ୟ ଆଘାତ ଲାଗିଥିଲା । ହଜରତ ତଲ୍‌ହା ଯାହାଙ୍କ ଶରୀରରେ ୭୦ରୁ ଉର୍ଦ୍ଧ୍ୱ ଆଘାତ ଲାଗିଥିଲା । ସେ ବର୍ଣ୍ଣନା କରନ୍ତି, ମୁଁ ନିଜ ଆଘାତ ପ୍ରତି ଚିନ୍ତିତ ହେବା ପରିବର୍ତ୍ତେ ନିଜ ମୁନିବ ହଜରତ ମୁହମ୍ମଦ ସ.ଅଙ୍କୁ ଲାଗିଥିବା ଆଘାତ ପ୍ରତି ଅଧିକ ଭାରାକ୍ରାନ୍ତ (ବ୍ୟଥିତ) ଥିଲି । ଗୋଟିଏ ବର୍ଣ୍ଣନାନୁଯାୟୀ ହଜରତ ମୁହମ୍ମଦ ସ.ଅ ହଜରତ ଉମର ର.ଅଙ୍କୁ କହିଲେ; ଆସନ୍ତାରେ କୁରୈଶ ଆମ ବିରୁଦ୍ଧରେ ଏପରି ମାମଲା କଦାପି କରିପାରିବେ ନାହିଁ, ଏପର୍ଯ୍ୟନ୍ତ କି ଐଶ୍ୱର୍ଯ୍ୟମୟ ପ୍ରଭୁ ମକ୍କା ସହରକୁ ଆମ ହସ୍ତରେ ଜୟ କରାଇ ଦେବେ । ଅଥବା ଗୋଟିଏ ବର୍ଣ୍ଣନାନୁଯାୟୀ ଆମେ ହଜ୍‌ରେ ଅସଓ୍ୱଦ୍ (କଳା ପଥର)କୁ ଚୁମ୍ବନ କରିବା ।

ଉକ୍ତ ଯୁଦ୍ଧରେ ଦୁଇଜଣ ଅନ୍‌ସାର ଭାଇ ହଜରତ ଅବଦୁଲ୍ଲାଃ ବିନ୍ ସୋହେଲ୍ ଓ ହଜରତ ରାଫେ ବିନ୍ ସୋହେଲ୍ ର.ଅଙ୍କର ଆଜ୍ଞାକାରୀତାର ଉଦାହରଣ ଏପରି ପ୍ରତିପାଦିତ ହେଲା ଯେ, ଆଘାତ ଥିବା ସତ୍ତ୍ୱେ ସେମାନେ ପଦଯାତ୍ରା କରି (ରଣକ୍ଷେତ୍ରରେ ପହଞ୍ଚି) ଥିଲେ । ସେହି ଘଟଣାଟିର ବିସ୍ତୃତ ବ୍ୟାଖ୍ୟା ଏପରି ଉଲ୍ଲେଖ ରହିଛି, ଯେତେବେଳେ ସେ ଦୁହେଁ ଓ୍ୱହଦ୍ ଯୁଦ୍ଧରୁ ମଦିନା ପ୍ରତ୍ୟାବର୍ତ୍ତନ କଲେ ସେତେବେଳେ ସେମାନେ ଭୀଷଣ ରୂପେ ଆଘାତ ହୋଇଥିଲେ । ପୁନଶ୍ଚ ଯେତେବେଳେ ସେହି ଦୁଇଭାଇ ହମ୍‌ରାଉଲ୍ ଅସଦ୍ ଯୁଦ୍ଧରେ ସାମିଲ ହେବାର

ଆଦେଶ ଶୁଣିଲେ ସେତେବେଳେ ସେମାନଙ୍କ ମଧ୍ୟରୁ ଜଣେ ଅନ୍ୟ ଜଣକୁ କହିଲେ; ପ୍ରଭୁଙ୍କ ରାଣ ! ଯଦି ଆମେ ହୁଜୁର ସ.ଅଙ୍କ ସାଥିରେ ଏହି ଯୁଦ୍ଧରେ ସାମିଲ ନହେବା ତେବେ ତାହା ଆମର ବହୁତ ବଡ଼ ଦୁର୍ଭାଗ୍ୟ ହେବ । ଆହୁରି କହିଲେ; ପ୍ରଭୁଙ୍କ ରାଣ ! ଆମ ନିକଟରେ କୌଣସି ବାହନ (ପଶୁ) ନାହିଁ, ଯାହା ଉପରେ ଆମେ ଆରୋହଣ କରିପାରିବା ଏବଂ ନା ଆମକୁ ଏହା ଜଣା କି ଏହି ଯାତ୍ରା କିପରି ସମ୍ଭବ ହେବ ଅର୍ଥାତ ଅତିକ୍ରମ କରିବା । ହଜରତ ଅବଦ୍ଦୁଲ୍ଲାଃର.ଅ କହିଲେ; ମୋ ସହିତ ଚାଲ ଆମେ ପଦଯାତ୍ରା କରି ନିଜ ଗନ୍ତବ୍ୟ ସ୍ଥାନରେ ପହଞ୍ଚି ଯିବା । ହଜରତ ରାଫେର.ଅ କହିଲେ; ପ୍ରଭୁଙ୍କ ରାଣ ! ମୋତେ ଯେଉଁ ଆଘାତ ଲାଗିଛି ତାହା ଫଳରେ ମୋର ପଦଯାତ୍ରା କରିବାକୁ ସାମର୍ଥ୍ୟ ନାହିଁ । ତାଙ୍କ ଭ୍ରାତା କହିଲେ; ଆସ ଆମେ ଧିରେ ଧିରେ ହୁଜୁର ସ.ଅଙ୍କ ନିକଟକୁ ଯିବା । ସୁତରାଂ ସେ ଦୁହେଁ ପଡ଼ିଉଠି ଏପରି ଅବସ୍ଥାରେ ଆଗକୁ ବଢ଼ି ଚାଲିଥିଲେ କି ଦୁହିଁଙ୍କ ମଧ୍ୟରୁ ଯେ ସାମାନ୍ୟ ଭଲ ଥିଲେ ସେ ଅନ୍ୟ ଆଘାତ ଭାଇକୁ ନିଜ କାନ୍ଧ ଉପରେ ଉଠାଇ ନେଲେ । ଆଉ ଦୁର୍ବଳତା ଯୋଗୁଁ କେତେକ ସମୟରେ ସେ ହରକତ ମଧ୍ୟ କରିପାରୁ ନଥିଲେ । ଏପରି ସେଦୁହେଁ ଇଶା (ନମାଜ) ସମୟରେ ଯାଇ ହୁଜୁର ସ.ଅଙ୍କ ସେବାରେ ଉପସ୍ଥିତ ହେଲେ । ସାହାବାମାନେ ସେତେବେଳେ ତମ୍ବୁ ଟାଣି ଅଗ୍ନି ପ୍ରଜ୍ୱଳିତ କରି ନେଇଥିଲେ । ସେ ଦୁହିଁଙ୍କୁ ହୁଜୁର ସ.ଅଙ୍କ ସେବାରେ ଉପସ୍ଥିତ କରାଯିବାରୁ ହୁଜୁର ତାଙ୍କୁ ପଚାରିଲେ, କେଉଁ କାରଣରୁ ତୁମର ଏତେ ବିଳମ୍ବ ହେଲା ? ଏଥିରେ ସେମାନେ ବିସ୍ତାର ଭାବରେ ବିଳମ୍ବ ହେବାର କାରଣ ଦର୍ଶାଇଲେ । ସେଥିଅନ୍ତେ ନବୀଶିରୋମଣୀ ସେ ଦୁହିଁଙ୍କର ମଙ୍ଗଳ କାମନା କରି ଦୁଆ କଲେ ଏବଂ କହିଲେ; **ଯଦି ତୁମ ଦୁହିଁଙ୍କୁ ଦୀର୍ଘାୟୁ ଲାଭ ହୁଏ ତେବେ ତୁମେ ଦେଖିବ ଯେ, ତୁମମାନଙ୍କୁ (ଆରୋହଣ କରିବାକୁ) ଘୋଡ଼ା, ଓଟ ଓ ଗଧ ଲାଭ ହେବ ।** କିନ୍ତୁ ତାହା ତୁମର ଏହି ଯାତ୍ରା ଠାରୁ ଶ୍ରେୟସ୍କର ହେବ ନାହିଁ । ଯେଉଁ (ପଦ) ଯାତ୍ରା କି ତୁମେମାନେ ଏତେ କଷ୍ଟ ସହ୍ୟ କରି ସମ୍ପନ୍ନ କଲ ଅର୍ଥାତ ତୁମର ଏହି ଯାତ୍ରାର ପୁଣ୍ୟ ସେହି କାଳର ବିଳାଷ ପୂର୍ଣ୍ଣ ଯାତ୍ରା ଠାରୁ ଢ଼େର ଅଧିକ । ଏହା ମଧ୍ୟ କୁହାଯାଏ କି ଏହି ଘଟଣା ହଜରତ ଅନସ୍ ଓ ହଜରତ ମୋନସ୍ ଫଜାଲା ର.ଅଙ୍କ ପୁତ୍ରଙ୍କ ସହିତ ଘଟିଥିଲା । ସମ୍ଭବତଃ ଏହା ଉଭୟଙ୍କ ସହିତ ଘଟିଥିବ ।

ହଜରତ ଜାବିର୍ ବିନ୍ ଅବଦ୍ଦୁଲ୍ଲାଃର.ଅ ବର୍ଣ୍ଣନା କରନ୍ତି, ସେହି ଯୁଦ୍ଧରେ ସାଧାରଣତଃ ଆମର ଆହାର ଖଜୁରୁ ଥିଲା । ହଜରତ ସାଦ୍ ବିନ୍ ଅବାଦାଃର.ଅ ୩୦ଟି ଓଟ ଓ ଖଜୁରୁ ସାଥିରେ ଘେନି ନେଇଥିଲେ ଯାହାକି ହମ୍‌ରାଉଲ୍ ଅସଦ୍ ରଣକ୍ଷେତ୍ର ପର୍ଯ୍ୟନ୍ତ ଆମେ (ଭୋଜନ ରୂପେ ବ୍ୟବହାର କରୁ) ଥିଲୁ । କେତେକ ସମୟରେ ଓଟ ମାଂସ ମଧ୍ୟ ଆମେ ସେବନ କରି ନେଉଥିଲୁ । ରାତ୍ରି ସମୟରେ ଅଧିକାଂଶ ମସାଲ ପ୍ରଜ୍ୱଳିତ କରାଯାଉ ଥିଲା । ଯଦ୍ୱାରା ସେନାର ଆଧିକ୍ୟତା ଶତ୍ରୁକୁ ପ୍ରତିତ ହେବ ଏବଂ ସେମାନେ ଭୟଭୀତ ହୋଇଯିବେ ।

ଏହି ଅବସରରେ ମୁଅବଦ୍ ବିନ୍ ଅବୁ ମୁଅବଦ୍ ଖଜାଈଙ୍କର ମଧ୍ୟ ଚର୍ଚ୍ଚା ମିଳୁଅଛି ଯେ, ସେ ହୁଜୁର ସ.ଅଙ୍କ ସହିତ ସାକ୍ଷାତ କଲେ ଏବଂ ମକ୍କାର ଅମାନ୍ୟକାରୀଙ୍କୁ ମୁସଲମାନ ସେନା ସମ୍ପର୍କରେ ଭୟଭୀତ କରାଇଲେ । ଯଦିଚ ସେ ସେପର୍ଯ୍ୟନ୍ତ ଅମାନ୍ୟକାରୀ ରହିଥିଲା, ସେ ଅବୁ ସୁଫୟାନ୍ ସମ୍ମୁଖରେ ମୁସଲମାନ ସେନା ସଂକ୍ରାନ୍ତରେ ଏପରି ଅତିଶୟତା ଅବଲମ୍ବନ କରିଥିଲେ କି ଅବୁ ସୁଫୟାନ୍ ଓ ତାହାର ସାଥିମାନଙ୍କ ସାହସ ଓ ମନବଳ ଫସର ଫାଟି ଯାଇଥିଲା ଅର୍ଥାତ ତାଙ୍କ ଦାମ୍ଭିକତାର ଅଧପତନ ଘଟିଥିଲା ଏବଂ ସେମାନଙ୍କ ମଧ୍ୟରେ ଭାଳେଣି ପଡ଼ିଲା । ଶେଷରେ ଅବୁ ସୁଫୟାନ୍‌କୁ ନିଜ ଗୋଷ୍ଠୀର ମଙ୍ଗଳ ଏହିଥିରେ ଦୃଶ୍ୟମାନ ହେଲା କି ସେମାନେ ଯଥାଶୀଘ୍ର ସମ୍ଭବ ନିଜ ସେନାକୁ ନେଇ ମକ୍କା ଫେରିଯାନ୍ତୁ । ଅବୁ ସୁଫୟାନ୍ ରଣକ୍ଷେତ୍ରରୁ ପଳାୟନ କରିବା ଖବର ଶୁଣିବା ପରେ ହୁଜୁରସ.ଅ ସେହିସ୍ଥଳେ ତିନିଦିନ ଅବସ୍ଥାନ କଲେ । ସେଥିଅନ୍ତେ ଆପଣ ମଦିନା ବାହୁଡ଼ି ଆସିଥିଲେ । ଆଉ ଏକ ବର୍ଣ୍ଣନାନୁଯାୟୀ ହୁଜୁରସ.ଅ ସେଠାରେ ପାଞ୍ଚଦିନ ଅବସ୍ଥାନ କରିବା ପରେ ମଦିନା ଫେରି ଆସିଥିଲେ ।

ହଜରତ ଅବୁ ଉବେଦାଃର.ଅ କୁହନ୍ତି; ହଜରତ ମୁହମ୍ମଦସ.ଅ ମଦିନା ପ୍ରତ୍ୟାପର୍ତ୍ତନ କରିବା ପୂର୍ବରୁ ମାଓ୍ୱିୟା ବିନ୍ ମୁଗେରାଃଙ୍କୁ ବନ୍ଦି କରି ରଖିଥିଲେ । ସେ ମଦିନାରେ ଲୁଚିଛପି ରହୁଥିଲା ଏବଂ ମଦିନା ଓ ମୁସଲମାନମାନଙ୍କ ଗତିବିଧିକୁ

ଲକ୍ଷ କରି ଅମାନ୍ୟକାରୀକୁ ସୂଚିତ କରୁଥିଲା । ଯେତେବେଳେ ସେ ବନ୍ଦୀ ହୋଇ ଆସିଲା, ସେ ହଜରତ ଉସମାନ ର.ଅଙ୍କ ଠାରୁ ସୁରକ୍ଷା ମାଗିଲା ଏବଂ ତାଙ୍କର ନିବେଦନ କରିବା ଫଳରେ ନବୀଶ୍ରେଷ୍ଠ ସେହି ଦୁର୍ବୃତ୍ତକୁ ତିନିଦିନ ମଧ୍ୟରେ ମଦିନା ଛାଡ଼ି ଚାଲିଯିବାକୁ ଆଦେଶ ଦେଲେ । ଆଉ ଯଦି ଏହି ଅବଦ୍ଧି ପରେ ସେ ମଦିନାରେ ଦେଖାଗଲା ତେବେ ତାହାକୁ ହତ୍ୟା କରି ଦିଆଯିବାର ଚେତାବନି ମଧ୍ୟ ଦିଆଗଲା । କିନ୍ତୁ ସେ ହତଭାଗା ଉକ୍ତ ସମୟ ସୀମା ଅତିକ୍ରମ କରିବା ପରେ ମଧ୍ୟ ମଦିନାରେ ଲୁଚି ରହିଥିଲା । ବସ୍ତୁତଃ ହୁଜୁରସ.ଅ ହଜରତ ଜୈଦ୍ ବିନ୍ ହାର୍‌ସାର.ଅ ଓ ହଜରତ ଅମାର୍ ବିନ୍ ଯାସିର୍ ର.ଅଙ୍କୁ ଡ଼କାଇ କହିଲେ; ସମ୍ପୃକ୍ତ ଗୁପ୍ତଚର ଅମକ ସ୍ଥାନରେ ଲୁଚି ରହିଛି । ଅତଏବ ସେମାନେ ସେଠାରେ ପହଞ୍ଚି ତାହାକୁ ଧରି ନେଲେ ଏବଂ ତାହାର ବଧ କରିଦେଲେ ।

ପୈଗମ୍ବର ମୁହମ୍ମଦସ.ଅ ହମ୍‌ରାଉଲ୍ ଅସଦ୍ ସ୍ଥାନରେ ଅମାନ୍ୟକାରୀଙ୍କର କବି ଅବୁ ଅଜ୍ଜାଃକୁ ମଧ୍ୟ କବଳିତ କରିଥିଲେ । ଏହା ପୂର୍ବରୁ ସେ ବଦର୍ ଯୁଦ୍ଧରେ ମଧ୍ୟ ମୁସଲମାନମାନଙ୍କ ଦ୍ୱାରା କଏଦ ହୋଇଥିଲା କିନ୍ତୁ ନିଜ ଅଭାବ ଅନଟନ ତଥା ନିଜ କନ୍ୟାମାନଙ୍କ ଦ୍ୱାହି ଦେଇ ସେ ଦୟା ଓ କରୁଣାର ପ୍ରତିମୂର୍ତ୍ତି ହଜରତ ମୁହମ୍ମଦ ସ.ଅଙ୍କ ଠାରୁ କ୍ଷମା ଭିକ୍ଷା କରିଥିଲା । ଆଉ ହୁଜୁରସ.ଅ ତାହାକୁ ବିନା କୌଣସି କ୍ଷତିପୂରଣ ପୈଠ କରିବାରେ ମୁକ୍ତ କରି ଦେଇଥିଲେ କିନ୍ତୁ ତାହା ଠାରୁ ଏହି ପ୍ରତିଜ୍ଞା ନିଆଯାଇଥିଲା କି ସେ ଆସନ୍ତାରେ ନା ହୁଜୁର ସ.ଅଙ୍କ ବିରୁଦ୍ଧରେ ଯୁଦ୍ଧ କ୍ଷେତ୍ରରେ ଓହ୍ଲାଇବ ନା ସାମରିକ ଷଡ଼ଯନ୍ତ୍ର ଅର୍ଥାତ ସୈନ୍ୟ ବାହିନୀ ଏକତ୍ରିତ କରିବ । କିନ୍ତୁ ସେ ନିଜ ପ୍ରତିଶ୍ରୁତି ଭଙ୍ଗ କରିଥିଲା ଏବଂ ଓ୍ୱହଦ୍ ଯୁଦ୍ଧରେ ଅମାନ୍ୟକାରୀ ସହିତ ସାମିଲ ହୋଇ ନିଜ ଉତ୍ତେଜନା ମୂଳକ କବିତା ଦ୍ୱାରା ସୈନିକମାନଙ୍କୁ ଉତ୍‌କ୍ଷିପ୍ତ କରିଥିଲା । ହୁଜୁରସ.ଅ ଦୁଆ କରିଥିଲେ, ଏଥର ସମ୍ପୃକ୍ତ ବ୍ୟକ୍ତି ଯେପରି ଆମ ହାତରୁ ଖସି ପଳାଇବାରେ ସଫଳ ନହେଉ । ଅତଏବ ସେ ମୁସଲମାନମାନଙ୍କ ହାତରେ କଏଦ ହୋଇଥିଲା । ପୂର୍ବପରି ଏଥର ମଧ୍ୟ ତାହାକୁ ଛାଡ଼ି ଦେବାର ସେ ବିନୟ ଗୁହାରି କରିଥିଲା, ଯଦିଚ ହୁଜୁରସ.ଅ ତାହାର ମୃତ୍ୟୁ ଦଣ୍ଡାଦେଶ ଶୁଣାଇ ଥିଲେ । ସେଥିଅନ୍ତେ ନବୀଶ୍ରେଷ୍ଠ କହିଲେ; **ଜଣେ ବିଶ୍ୱାସକାରୀ ଗୋଟିଏ ଗର୍ତ୍ତରେ (ରହିଥିବା ବିଷଧର ସର୍ପ ଦ୍ୱାରା) ଦୁଇଥର ଦଂଷିତ ହୋଇ ନଥାଏ ।** ପରବର୍ତ୍ତୀ ଘଟଣାବଳୀ ଇନ୍ନ୍‌ଶା ଅଲ୍ଲାଃ ଆସନ୍ତାରେ ବର୍ଣ୍ଣନା ହେବ । ତତ୍ ପଶ୍ଚାତ ମହାମହିମ ହୁଜୁର ଅନଓ୍ୱରଅ.ବ କହିଲେ; ବିଶ୍ୱର ସଂକଟାପର୍ଣ୍ଣ ପରିସ୍ଥିତି ଦୂର ହେବା ନିମନ୍ତେ ଦୁଆ (କରିବା) ଅବ୍ୟାହତ ରଖିବେ । ଅଲ୍ଲାଃତାଲା ପ୍ରତ୍ୟେକ ଅହେମଦିଙ୍କୁ ସମସ୍ତ ପ୍ରକାରର ବିପତ୍ତିରୁ ସୁରକ୍ଷିତ ରଖନ୍ତୁ । ଆମିନ୍ ।

ପରିଶେଷରେ ମହାମାନ୍ୟ ହୁଜୁର ଅନଓ୍ୱରଅ.ବ ଶ୍ରୀମାନ ଫରାଜ୍ ଅହେମଦ୍ ତାହେର୍ ସାହେବ ରବଓ୍ୱା ନିବାସୀଙ୍କୁ ଅଷ୍ଟ୍ରେଲିଆର ଏକ ଶପିଙ୍ଗ ସେଣ୍ଟର୍‌ରେ ସେଠାକାର ଜଣେ ଦୁର୍ବୃତ୍ତ ଛୁରି ମାରି ଶହିଦ୍ କରିବା ସଂକ୍ରାନ୍ତରେ ଆଲୋଚନା କରି ତାଙ୍କର ଉତ୍ତମ ଚରିତ୍ର ଚର୍ଚ୍ଚା କଲେ ତଥା ଅଲ୍ଲାଃତାଲାଙ୍କ ଶରଣେ ବୈକୁଣ୍ଠରେ ତାଙ୍କ ସ୍ତର ଉର୍ଦ୍ଧ୍ୱଗାମୀ ହେବା ନିମନ୍ତେ ଦୁଆ କଲେ । ନିଜ ପଛରେ ଛାଡ଼ି ଯାଇଥିବା ତାଙ୍କ ପରିଜନମାନଙ୍କୁ ଅଲ୍ଲାଃତାଲା ଧୈର୍ଯ୍ୟ ପ୍ରଦାନ କରିବା ସକାଶେ ମଧ୍ୟ ଦୁଆ କଲେ ।

ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ଓ୍ୱ ନସ୍‌ତଇନୁହୁ ଓନସ୍‌ତଗ୍‌ଫିରୁହୁ ଓନୁମିନୁ ବିହି ଓନତଓକ୍‌କଲୁ ଅଲୈହି ଓ ନଉଜୁବିଲ୍ଲା ମିନ୍ ଶୁରୁରେ ଅନ୍‌ଫୁସିନା ଓ ମିନ୍ ସଇୟାତି ଆମାଲିନା ମଇଁ ୟହ୍‌ଦିହିଲ୍ଲା ଫଲାମୁଜିଲ୍ଲା ଲହୁ ଓମଇଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ଓନଶ୍‌ହ୍ୱଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ଓ୍ୱନଶ୍‌ହ୍ୱଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ । ଇବାଦଲ୍ଲାହି ରହ୍‌ମକୁମୁଲ୍ଲାହା ଇନ୍ନଲ୍‌ଲାହା ୟାମୁରୁବିଲ୍ ଅଦ୍‌ଲେ ଓ୍ୱଲ୍ ଇହ୍‌ସାନି ଓ୍ୱଇତାଇଜିଲ କୁର୍‌ବା ଓ୍ୱୟନ୍‌ହା ଅନିଲ୍ ଫହ୍‌ଶାଇ ଓ୍ୱଲ୍ ମୁନ୍‌କରି ଓ୍ୱଲ୍ ବଗ୍‌ଇ ୟଇଜୁକୁମ୍ ଲଅଲ୍‌ଲକୁମ୍ ତଜକ୍ କରୁନ୍ ଉଯ୍‌କୁରୁଲ୍ଲାହା ୟଯ୍‌କୁରୁକୁମ୍ ଓଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ଓଲଯିକ୍‌ରୁଲ୍ଲାହି ଅକ୍‌ବର୍ ।

Khulasa Khutba Juma Huzoor Anwar a.b.a In Odia
26th April 2024